# Akashvani, Sambalpur

## SAMBALPURI NEWS EVENING BULLETIN

## 7 May 2026-7.02- 7.12 pm.

---

୧- ଗୁଜୁରାଟ୍ ଗସ୍ତର୍ ୩ ନମ୍ବର୍ ଦିନେ ଆଏଜ୍ ଭଦୋଦରା ଠାନେ ନିବେଶକ୍ ମାନ୍‌କର୍ ସହେତେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

୨- ଦେଶର୍ ସୁରକ୍ଷା, ସାର୍ବଭୌମତ୍ୱ ଆଉ ଭାରତୀୟ ସେନାର ଅଦମ୍ୟ ସାହସ୍‌ର ପ୍ରତୀକ ଅପରେସନ୍ ସିନ୍ଦୁର୍‌କେ ଆଏଜ୍ ପୁର୍‌ଲା ଗୁଟେ ବଛର୍ ।

୩- ରାଏଜେ ୯୫ ପ୍ରତିଶତ୍ ଗୃହ ଗଣନା ଶେଷ୍ ହେଇଛେ- ସୂଚନା ଦେଲେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ୍ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଡ଼କ୍ ମାରିକରି ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସତର୍କ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ- ଗୁଜୁରାଟ୍      ହି.ସ.

ଗୁଜୁରାଟ୍ ଗସ୍ତର୍ ୩ ନମ୍ବର୍ ଦିନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭଦୋଦରା ଠାନେ ନିବେଶକ୍ ମାନ୍‌କର୍ ସହେତେ ଆଲୋଚନା କରିଛନ୍ । ଇତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ କେଭାଡ଼ିଆ ଗସ୍ତ କରିକରି ରାଜ୍‌ପିପ୍‌ଲାଠାନେ ଥିବା ପୁର୍‌ଥିର୍ ସବୁନୁ ଉଚ୍ଚା ପ୍ରତିମୂର୍ତ୍ତି ଷ୍ଟେଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେଇକରି ଇତାକେ ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍‌ର ଜୀବନ୍ତ ଉଦାହରଣ୍ ବଲି କହିଛନ୍ । ଗୁଜୁରାଟ୍‌ର ବିକାଶ୍ ମୋଡ଼େଲ୍‌ନୁ ପ୍ରେରଣା ନେଇକରି ଓଡ଼ିଶା ନ ଭିଲ୍ ବିକାଶର ନୂଆଁ ଉଦାହରଣ୍ ତିଆର୍ କର୍‌ବାର୍‌କେ ସେ ସଂକଳ୍ପ ନେଇଛନ୍ । ଇ ଗସ୍ତଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ସାମିଲ୍ ଥିଲେ ।

ଅପରେସନ୍ ସିନ୍ଦୁର୍      ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ସୁରକ୍ଷା, ସାର୍ବଭୌମତ୍ୱ ଆଉ ଜାତୀୟ ଅସ୍ମିତା ଲାଗି ଭାରତୀୟ ସେନାର୍ ଅଦମ୍ୟ ସାହସ୍ ଆଉ ଅପୂର୍ବ ପରାକ୍ରମ୍ର ପ୍ରତୀକ ଅପରେସନ୍ ସିନ୍ଦୁର୍କେ ଆଏଜ୍ ଗୁଟେ ବଛର୍ ପୁରିଛେ । ଆତଙ୍କବାଦ୍ ବିରୋଧିଥି ଭାରତ୍ର କଡ଼ା ସଂକଳ୍ପ, ସାମରିକ୍ କୌଶଲ୍ ଆଉ କେଭେ ନାଇଁ ହାର୍ଲା ବାଗିର୍ ମନୋବଲ୍ର ଇଟା ଗୁଟେ ଐତିହାସିକ୍ ନିଷ୍ପତି, ଇଟା ଖାଲି ଗୁଟେ ସଫଲ୍ ଅଭିଯାନ୍ ନୁହେଁ, ବରଂ ଭାରତ୍ର ସାମରିକ୍ ଶକ୍ତି ଆଉ ରଣନୈତିକ୍ ପ୍ରଭାବ୍ର ଗୁଟେ ବର୍କସ୍ ଉଦାହରଣ୍ ଆଏ । ଇ ବାବ୍ଦେ ଶୁନୁନ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

ପେହେଲ୍ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍ନାଥି ଭାରତ୍ ତର୍ଫୁ ଅପରେସନ୍ ସିନ୍ଦୁର୍ ଅଭିଯାନ୍ ମୁଲ୍ କରାଯାଇଥିଲା । ଗଲାବଛର୍ ମେ ମାସର୍ ୭ ତାରିଖ୍ ଦିନ ଇ ସାମରିକ୍ ସଂଘର୍ଷ ମୁଲ୍ ହେଇକରି ୧୦ ତାରିଖ୍ତକ୍ ଚାଲିଥିଲା । ଇଥି ପାକିସ୍ତାନ୍ର ବହୁତ୍ଟେ ଆତଙ୍କବାଦୀ ଜୀବନ୍ ହାରିଥିଲେ । ପାକିସ୍ତାନ୍ ଆଉ ପାକିସ୍ତାନ୍ ଅଧିକୃତ କାସ୍ମୀର୍ ଇଲାକା ନ ଆତଙ୍କବାଦୀ ଭିତିଭୂମିକେ

ଲକ୍ଷ୍ୟ କରିକରି ଭାରତୀୟ ସେନା ଆତଙ୍କ୍‌ବାଦୀ ରହୁଥିବା ୯ ଟା ଇଲାକା ଉପ୍‌ରେ ଖୋବ୍ ସଂଯମ୍ ଆଉ ପରିକ୍ୱତାର୍ ସହେତେ ଯୋଜନାବଦ୍ଧ ଭାବେ ଆକ୍ରମଣ୍ କରିଥିଲା । ଅପରେସନ୍ ସିନ୍ଦୁର୍ ଯୋଜ୍‌ନା ଅଭିଯାନ୍‌ଥି ପୁର୍‌ଥି ଭାରତ୍‌ର ଆତ୍ମନିର୍ଭରତାର୍ ଝଲକ୍ ଦେଖିବାର୍‌କେ ପାଇଥିଲା । ଅତ୍ୟାଧୁନିକ୍ ପ୍ରଯୁକ୍ତି ଆଉ ସାମରିକ୍ ତାଲ୍‌ମେଲ୍‌ର ଆଧାର୍‌ଥି ଭାରତୀୟ ସେନା ଆତଙ୍କବାଦୀମାନ୍‌କର୍ ଗୁପ୍ତ ଘାଟିମାନ୍‌କୁ ଚିହ୍ନଟ୍ କରିକରି ସେସବୁକେ ନଷ୍ଟ କରିଥିଲା । ପୁର୍‌ଥି ଆଗାଡ଼େ ଭାରତ୍ ଜାହିର୍ କରିଥିଲା ଯେ, ଦେଶର୍ ସୁରକ୍ଷା ସହେତେ କେନ୍‌ସି ପ୍ରକାରର୍ ସାଲିସ୍ କରାନାଇଁଯାଏ । ଇ ଅଭିଯାନ୍‌ର ଆଉ ଗୁଟେ ବୈଶିଷ୍ଟ୍ୟ ଥିଲା ସୁରକ୍ଷାବଳ ଆଉ ଲୁକ୍‌କର୍ ଭିତ୍‌ରେ ଗୁଟେ ବିଶ୍ୱାସ୍‌ର ସେତୁ ତିଆର୍ ହେବାର୍ । ସେନା ଖାଲି ଆତଙ୍କବାଦ୍ ବିରୋଧିଥି ନୁହେଁ, ଲୁକ୍‌କର୍ ଜୀବନ୍ ଆଉ ସମ୍ପତିର୍ ସୁରକ୍ଷାକେ ଭିଲ୍ ପହେଲା ପ୍ରାଥମିକତା ଦେଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ ଅବ୍‌ସରେ ଅପରେସନ୍ ସିନ୍ଦୁର୍‌କେ ଆତଙ୍କ୍‌ବାଦ ଆଉ ଦେଶର୍ ସାର୍ବଭୌମତ୍ୱ ଆର୍ ନାଗରିକ୍ ମାନ୍‌କର୍ ସୁରକ୍ଷାକେ ବିପଦ୍‌ଥି ପକେଇଥିବା ସବୁ ପ୍ରକାର୍ ଶକ୍ତି ବିରୋଧିଥି ଗୁଟେ ନିର୍ଣ୍ଣାୟକ୍ ପ୍ରମାଣ୍ ବଲି କହିଛନ୍ ।

ଅପରେସନ୍ ସିନ୍ଦୁର୍‌ର ପହେଲା ବାର୍ଷିକୀ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସଶସ୍ତ୍ର ବାହିନୀର୍ ସାହସ୍, ବୀରତା ଆଉ କର୍ତବ୍ୟ ନିଷ୍ଠାକେ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । ଅପରେସନ୍ ସିନ୍ଦୁର୍ ସମିଆଥି ପ୍ରଧାନ୍‌ମନ୍ତ୍ରୀ କହିଥିଲେ...

(ଭଏସ୍ ଓଭର୍- ନରେନ୍ଦ୍ର ମୋଦୀ)

ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଇ ଅବ୍‌ସରେ ଭାରତୀୟ ସଶସ୍ତ୍ର ବାହିନୀର୍ ସାହସ୍ ଆଉ ବଳିଦାନ୍‌କେ ଖୋବ୍ ପ୍ରଶଂସା କରିଛନ୍ । ଅପରେସନ୍ ସିନ୍ଦୁର୍ ଜାତୀୟ ସଂକଳ୍ପ ଆଉ ପ୍ରସ୍ତୁତିର୍ ଗୁଟେ ଶକ୍ତିଶାଳୀ ପ୍ରତୀକ ହେଇଛେ ବଲି ସେ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭାରତୀୟ ଯବାନ୍ ମାନ୍‌କର୍ ପରାକ୍ରମ୍ ଆଉ ଦେଶ୍ ଲାଗି ଅତୁଟ ସମର୍ପଣ୍‌କେ ସମ୍ମାନ୍ ଜନେଇକରି କହିଛନ୍, ଅପରେସନ୍ ସିନ୍ଦୁର୍ ହେଉଛେ ନୂଆଁ ଭାରତ୍‌ର ସଂକଳ୍ପ ଆଉ ଶକ୍ତିର ସଶକ୍ତ ପ୍ରତୀକ । ଅପରେସନ୍ ସିନ୍ଦୁର୍ ଆଏଜ୍ ଖାଲି ଗୁଟେ ସାମରିକ୍ ଅଭିଯାନ୍ ନୁହେଁସେ । ଇଟା ଭାରତ୍‌ର ଅଦମ୍ୟ ଇଚ୍ଛାଶକ୍ତି, ସାହସ୍, ଜାତୀୟ ସ୍ୱାଭିମାନ୍‌ର ପ୍ରତୀକ । ଆତଙ୍କବାଦ୍ ବିରୋଧିଥି ଭାରତ୍‌ର ଇ ଲଢ଼େଇ ଭବିଷ୍ୟତ୍‌ଥି ଭିଲ୍ ସେହି ସଂକଳ୍ପର୍

ସହେତେ ଜାରି ରହେବା । ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ସୁପ୍ରିତୀ ମିଶ୍ର ।

ମନସୁଖ୍ ମାଣ୍ଡଭିୟ- ସ୍ୱାସ୍ଥ୍ୟ ପରୀକ୍ଷା      ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶେ ନୂଆଁ ଶ୍ରମ ସଂହିତା ଅଧୀନ୍‌ଥି ୪୦ ବଛର୍ ଆଉ ତାର୍‌ନୁ ଅଏତ୍‌କା ବୟସ୍କ ଶ୍ରମିକ୍ ମାନ୍‌କର୍ ଲାଗି ବଛର୍‌କିଆ ସ୍ୱାସ୍ଥ୍ୟ ଯାଂଚ୍ ପ୍ରକ୍ରିୟା ଆଏଜ୍ ମୁଲ୍ ହେଇଛେ । ନୂଆଦିଲ୍ଲୀ ଠାନେ କର୍ମଚାରୀ ରାଜ୍ୟ ବୀମା ନିଗମ୍, ମେଡ଼ିକାଲ୍ କଲେଜ୍ ଆଉ ଡାକ୍ତର୍‌ଖାନା ନ ଶ୍ରମ ଆଉ ନିୟୋଜନ ମନ୍ତ୍ରୀ ଡକ୍ଟର୍ ମନ୍‌ସୁଖ୍ ମାଣ୍ଡଭିୟ ଇତାର୍ ଶୁଭାରମ୍ଭ କରିଛନ୍ । ସମାବେଶ୍‌କେ ସମ୍ବୋଧନ୍ କରିକରି ମନ୍ତ୍ରୀ ଡକ୍ଟର୍ ମାଣ୍ଡଭିୟ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଗଲା ୧୨ ବଛର୍ ଭିତ୍‌ରେ ଦେଶର୍ କର୍ମଶକ୍ତି ଆଉ ଯୁବଶକ୍ତିଙ୍କର୍ ଲାଗି ଯଥେଷ୍ଟ ସମ୍ମାନ୍ ବଢ଼ିଛେ । ସେ ଆହୁରି କହିଛନ୍, ଗଲା ୧୦ ବଛର୍ ଭିତ୍‌ରେ ଇଏସ୍‌ଆଇସି ଅଧୀନ୍‌ଥି

ହିତାଧିକାରୀମାନ୍‌କର୍ ସଂଖ୍ୟା ୭ କୋଟିନୁ ୧୫ କୋଟିକେ ବଢ଼ିଛେ ।

ଭିତିଭୂମି ଉନ୍ନୟନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍ ଓଡ଼ିଶାର୍ ସଡ଼କ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ୨୦୨୬ -୨୭ ବଛର୍ ଲାଗି ସି.ଆର୍.ଆଇ.ଏଫ୍. ଅଧୀନ୍‌ଥି ୧୦ ଟା ଜରୁରୀ ସଡ଼କ୍ ପ୍ରକଳ୍ପ ଲାଗି ୭ ଶହ ୬୯ କୋଟିନୁ ଅଏତ୍‌କା ଟଙ୍କା ମଞ୍ଜୁର୍ କରିଛନ୍ । ଇ ପ୍ରକଳ୍ପ ମାନ୍ ରାଜ୍ୟର୍ ଭିତ୍‌ରିଆ ଇଲାକା ନ ଯୋଗାଯୋଗ୍ ବ୍ୟବସ୍ଥାଥି ବଡ଼ ପରିବର୍ତନ୍ ଆନ୍‌ବା । ଇଥି ଝାର୍‌ସୁଗୁଡ଼ାର୍ ଦଲ୍‌ଗାଁ ତିଲିଆ ରାସ୍ତା ଆଉ ରମ୍ପେଲା ବ୍ରିଜ୍, ନୂଆପଡ଼ାର ଖରିଆର୍ ରୋଡ୍-ଆମୋଦି- ବେଲ୍‌ଟୁକୁରି ରାସ୍ତା ସହେତେ ଗଞ୍ଜାମ୍, କୋରାପୁଟ୍, ନବରଙ୍ଗ୍‌ପୁର୍, ଗଜପତି ଆଉ ବାଲେଶ୍ୱର୍‌ର ବହୁତ୍‌ଟେ ରାସ୍ତା ଉନ୍ନତିକରଣ୍ ପ୍ରକଳ୍ପ ସାମିଲ୍ ଅଛେ । ଇଥିର୍‌ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ କେନ୍ଦ୍ର ସଡ଼କ୍ ପରିବହନ୍ ମନ୍ତ୍ରୀ ନୀତିନ୍

ଗଡ୍‌କରୀଙ୍କୁ ସାମାଜିକ୍ ଗଣମାଧମ୍ ଜରିଏ କୃତଜ୍ଞତା ଜନେଇଛନ୍ ।

ଜନଗଣନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇହାଦେତକ୍ ୯୦ ପ୍ରତିଶତ୍ ଜନଗଣନା ଶେଷ୍ ହେଇଛେ ବଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ୍ ନିଖିଲ୍ ପୱନ୍ କଲ୍ୟାଣ୍ କହିଛନ୍ । କୋଟିଆ ନ ଶହେ ପ୍ରତିଶତ୍ ଆଉ କୋରାପୁଟ୍ ଜିଲ୍ଲାନ ୯୦ ପ୍ରତିଶତ୍ ଗଣନା କାମ୍ ଶେଷ୍ କରାଯାଇଛେ । ସିମ୍‌ନା ଇଲାକା ନ ଘର୍ ଗଣ୍‌ନା ଶେଷ୍ ଖେପେ ପୁହୁଁଚିଛେ ବଲି ଶ୍ରୀ କଲ୍ୟାଣ୍ କହିଛନ୍ । ରାଏଜେ ଗଲା ଏପ୍ରିଲ୍ ୧ ତାରିଖ୍‌ନୁ ୧୫ ତାରିଖ୍‌ତକ୍ ସ୍ୱ ଗଣନା କରାଯାଇଥିଲା । ତାର୍ ଉତ୍‌ରୁ ୧୬ ତାରିଖ୍‌ନୁ ଇ ମାସର୍ ୧୫ ତାରିଖ୍‌ତକ୍ ଗୃହ ତାଲିକା ଆଉ ଗୃହ ଗଣନା କାମ୍ ଜାରି ରହେବା । ଗଣନା କାମ୍ ପରିଚାଲନାଥି ୯୦ ହଜାର୍ ୨ ଶହ ଝନ୍ ଜନଗଣନା ଅଧିକାରୀ ଆଉ ୧୫ ହଜାର୍ ଶହେ ୪୦ ଝନ୍ ସୁପର୍‌ଭାଇଜର୍ ନିୟୋଜିତ୍ ହେଇଛନ୍ ।

ଜଗନ୍ନାଥ୍ ଜମି          ପୁରୀ ସମ୍ବାଦଦାତା

ରାଜ୍ୟ ଭିତ୍ରେ ଆଉ ବାହାରେ ଶ୍ରୀଜଗନ୍ନାଥ୍ଙ୍କର୍ ନାଁଥି ଥିବା ଜମିନ୍ର ସୁବନ୍ଦୋବସ୍ତ ଲାଗି ଆଇନ୍, ପୂର୍ତ ଆଉ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଲୋକସେବା ଭବନ୍ ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବହୁତ୍ଦିନ୍ ଧରିକରି ଶ୍ରୀମନ୍ଦିର୍ ସହେତେ ଜଡ଼ିତ୍ ସେବକ, ନିଯୋଗ୍ ଆଉ ମଠ ମାନ୍କେ ରହୁଥିବା ଲୁକ୍କର୍ ଜମିନ୍ର ସଠିକ୍ ବନ୍ଦୋବସ୍ତ କରିକରି ସେମାନ୍କୁ ଅଧିକାର୍ ଦିଆଯିବା । ଜବର୍ଦଖଲ୍ ଜମିନ୍ର ତଦନ୍ତ୍ କରିକରି ଦର୍କାରୀ ଜାଗା ନ ନିଲାମ୍ କରିକରି ମିଲିଥିବା ଟଙ୍କାକେ ଶ୍ରୀମନ୍ଦିର୍ ପାଣ୍ଠିକେ ଦିଆଯିବା । ଇଥିର୍ଲାଗି ୨୦୦୩ ସମାଧାନ୍ ନୀତିଥି ଜରୁରୀ ସଂଶୋଧନ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ସୂଚ୍ନା ଦେଇଛନ୍ ।

ନଗର୍ ଉନ୍ନୟନ୍ ମନ୍ତ୍ରୀ- ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ବୈଠକ୍‌ଥି ଯୋଗ୍ ଦେଇକରି ପିଇବାର୍ ପାନିର୍ ସମସ୍ୟା, ପରିମଳ ବ୍ୟବସ୍ଥା ବାଗିର୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସବୁତକ ଜନହିତକାରୀ ଯୋଜ୍‌ନା ତଲ୍‌ସ୍ତରର୍ ଲୋକ୍‌ମାନ୍‌କର୍ ଲାଗି ଆଏ । ଲୁକ୍‌କର୍ ପାଖେ ଇ ଯୋଜ୍‌ନାର୍ ସୁଫଲ୍ ସଠିକ୍ ଭାବେ ପୁହୁଁଚାବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମନ୍ତ୍ରୀ ଡକ୍ଟର୍ ମହାପାତ୍ର କହିଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପରାମର୍ଶ ବୈଠକ୍ ବୌଦ୍ଧ ସମ୍ବାଦଦାତା

ଘରୋଇ ହିଂସା ନିରାକରଣ୍ ଲାଗି ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଆଉ ନେଦର୍‌ଲେଣ୍ଡ୍ ସର୍‌କାର୍‌ଙ୍କର୍ ଦୂତାବାସ ମିଲିତ୍

ସହଯୋଗ୍‌ଥି ବୌଦ୍ଧ ସ୍ୱାସ୍ଥ୍ୟ ବିଭାଗ୍ ଜିଲ୍ଲା ତାଲିମ୍ କେନ୍ଦ୍ର ନ ଗୁଟେ ପରାମର୍ଶ ବୈଠକ୍ ହେଇଯାଇଛେ । ବୌଦ୍ଧ, ସୁବର୍ଣ୍ଣପୁର୍ ଆଉ କନ୍ଧମାଲ୍ ଜିଲ୍ଲାର୍ ଆଶାକର୍ମୀ ଆଉ ଅଙ୍ଗନବାଡ଼ି କର୍ମୀ, ସର୍‌ପଂଚ୍‌ଙ୍କର୍ ସହେତେ ହିତାଧିକାରୀମାନେ ବୈଠକ୍‌ଥି ଭାଗ୍ ନେଇଥିଲେ । ବୈଠକ୍‌ଥି ମହିଳାମାନ୍‌କୁ ଘରୋଇ ହିଂସା ଆଉ ଶୋଷଣ୍‌ନୁ ରକ୍ଷା କର୍‌ବାର୍ ଲାଗି ଥିବା ବ୍ୟବସ୍ଥା ଆଉ ଅନୁଷ୍ଠାନ୍ ମାନ୍‌କର୍ ବାବ୍‌ଦେ ଅତିଥି ମାନେ ଆଲୋଚନା କରିଥିଲେ ।

ବିଶ୍ୱ ଆଥ୍‌ଲେଟିକ୍ ଦିବସ ଆର୍‌ଏନ୍‌ୟୁ/ କଟକ୍

ଶାରୀରିକ ସୁସ୍ଥତାର ପ୍ରଚାର୍, ଏଥ୍‌ଲେଟିକ୍ସ୍‌ଥି ଯୁଆନ୍ ପିଢ଼ିକେ ଡହଁକାବାର୍ ଲାଗି ଖେଲ୍ ଜରିଏ ସୁସ୍ଥ ଜୀବନ୍ ଜିଇଁବାର୍ ଗୁରୁତ୍ୱ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଆଥ୍‌ଲେଟିକ୍ ଦିବସ୍ ପାଲନ୍ କରାଯାଉଛେ । ଫି ବଛର୍ ମେ ମାସର୍ ୭ ତାରିଖ୍ ଇ ଦିବସ୍ ସାରା ପୁର୍‌ଥି ନ ପାଲନ୍ କରାଯାଏସି । ୧୯୯୬ ମସିହାଥି ପହେଲାଥର୍ ଲାଗି ବିଶ୍ୱ

ଏଥ୍‌ଲେଟିକ୍ସ ଦିବସ୍ ପାଲନ୍ କରାଯାଇଥିଲା । ଲୁକ୍‌କର୍ ଭିତ୍‌ରେ ଖେଲ୍‌ଓ୍ୱାଡ଼୍ ମନୋଭାବ୍, ଶୃଙ୍ଖଲା ଆଉ ସକ୍ରିୟ ଜୀବନ୍ ଶୈଲୀ ଉପ୍‌ରେ ଜୋର୍ ଦେବାର୍ ଲାଗି ଇଂଟର୍‌ନେସ୍‌ନାଲ୍ ଆସୋସିଏସନ୍ ଅଫ୍ ଆଥ୍‌ଲେଟିକ୍ସ ଫେଡ଼େରେସନ୍ ଆଇ.ଏ.ଏ.ଏଫ୍. ତର୍‌ଫୁ ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ ଆଥ୍‌ଲେଟିକ୍ ଦିବସ୍‌ର ବିଷୟବସ୍ତୁ ହେଉଛେ 'କ୍ରୀଡ଼ା- ସେତୁ ନିର୍ମାଣ୍ କର୍‌ବାର୍, ପ୍ରତିବନ୍ଧକ୍ ଭାଙ୍ଗ୍‌ବାର୍' ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷା ହେବାର୍‌ନୁ ତାପମାତ୍ରା କମିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲା ୨୪ ଘଂଟା ଭିତ୍‌ରେ କୋରାପୁଟ୍ ଜିଲ୍ଲାର୍ ବନ୍ଧୁଗାଁ ନ ସବୁନୁ ଅଏତ୍‌କା ୨୦

ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଆଏବା ୭ ଦିନ୍ ତକ୍ ରାଜ୍ୟର୍ ସମୁଦ୍ରଖଁଡ଼ି ଆଉ ଦକ୍ଷିଣ୍ ଭାଗେ କାଲ୍ବୈଶାଖୀ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇ ମାସର୍ ୨ ନମ୍ବର୍ ହପ୍ତା ଆଡ଼୍କେ ବଙ୍ଗୋପ୍ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇପାରେ ବଲି ଭିନ୍ ଭିନ୍ ଅନ୍ତର୍ଜାତୀୟ ପାଣିପାଗ୍ ସଂସ୍ଥା ଅନୁମାନ୍ କରିଛେ ।